ପାନୀୟଜଳ ଯୋଗାଣ ଉପରେ ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ବାଲୁଗାଁ(ଅମୃତ ମିଡିଆ) : ଗ୍ରୀଷ୍ମପ୍ରବାହଁ ମୁକାବିଲା ପାଇଁ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଓ ନୂତନ ନଳକୂପ ଖନନ,ନଳକୂପ ମରାମତି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ସଂପର୍କରେ ଶୁକ୍ରବାର ଦିନ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ସମୀକ୍ଷା କରିଛନ୍ତି ଚିଲିକା ବିଧାୟକ ତଥା ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ବିଶେଷକରି ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଓ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ସୀମାରେ ସମାପ୍ତ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରାଥମିକତା ଦେଇଛନ୍ତି। ଏହାକୁ ସୁନିଶ୍ଚିତ କରିବା ପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବିପୁଳ ପୁଞ୍ଜିନିବେଶ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।ଏହି ଅବସରରେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ,ବାଣପୁର ବ୍ଲକ ବିଡ଼ିଓ ଶୀତଲ୍ ଅଗ୍ରୱାଲ,ଚିଲିକା ବ୍ଲକ ବିଡ଼ିଓ ପୁନମ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡରେ ଦୁର୍ନୀତି

କଳାହାଣ୍ଡି(ଅମୃତ ମିଡିଆ) : କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଏହି ଘଟଣାରେ ତଳିଆ କର୍ମଚାରୀଙ୍କୁ ଗିରଫ କରି ଜେଲ ପଠା ଯାଇଛି ହେଲେ ବଡ଼ ବଡ଼ିଆ ଅଧିକାରୀ ଙ୍କୁ ତଦନ୍ତ ପରିସରକୁ ଅଣାଯାଇ ନାହିଁ ଏହାକୁ ନେଇ ସାଧାରଣ ରେ ଉଦବେଗ ପ୍ରକାଶ ପାଇଛି। ବନୀକରଣ ଟଙ୍କା ହଡ଼ପ ଘଟଣାରେ ଜୟପାଟଣା ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜରଙ୍କ ସମେତ ମୋଟ ୫ ଜଣ ବନ କର୍ମଚାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣା ପରେ ବନୀକରଣ ନାଁରେ କଳାହାଣ୍ଡି ଜିଲ୍ଲାରେ ବ୍ୟାପକ ଆର୍ଥିକ ଅନିୟମିତତା ହେଇଥିବା ସୂଚନା ମିଳୁଛି । ବିଶେଷକରି ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ସିଏଲଏଣ୍ଡ ଏବଂ ଏସଏମସି କାମରେ ବ୍ୟାପକ ଦୁର୍ନୀତି ହୋଇଛି। ଜିଲ୍ଲାର ଜୟପାଟଣା, ଥୁଆମୂଳ ରାମପୁର, ବିଶ୍ୱନାଥପୁର ଆଦି ବିଭିନ୍ନ ରେଞ୍ଜରେ ଲକ୍ଷାଧିକ ଟଙ୍କା ଅନିୟମିତତା ହୋଇଥିବା ଜଣାପଡ଼ିଛି । କେଉଁଠି ଚାରା ଫିଙ୍ଗି ଦେଇ ଟଙ୍କା ହରିଲୁଟ ହୋଇଛି ତ ଆଉ କେଉଁଠି ଟାଙ୍ଗରା ପାହାଡ଼କୁ ତାର ବାଡ଼ ଦିଆଯାଇଛି । ଅନେକ ସ୍ଥାନରେ ଗଛର ଚିହ୍ନବର୍ଣ ନାହିଁ । ଆଉ କେଉଁଠି ପାଣି ଅଭାବରୁ ଗଛ ମରିଗଲାଣି। ବିଭିନ୍ନ ଯୋଜନାରେ କେବଳ ନାମକୁ ମାତ୍ର ଚାରା ରୋପଣ କରି ଗାତ ଖୋଳା, ଖତ ଆଦିରେ ଟଙ୍କା ହଡ଼ପ ହେଇଥିବା ଅଭିଯୋଗ ହେଉଛି।ବିଶ୍ୱନାଥପୁର ରେଞ୍ଜ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼, ପାଣିମୁଣ୍ଡା ଅଞ୍ଚଳରେ ଚରାରୋପଣ ନାଁରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହେଇଛି । ଥୁଆମୂଳ ରାମପୁର ରେଞ୍ଜ ଅନ୍ତର୍ଗତ ଉପର ଝାପି, ପୋଖରୀ ଗୁଡ଼ା ଆଦି ଅଞ୍ଚଳ ଦୁର୍ନୀତି ଯୋଗୁଁ ଜଣେ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଛି। ଧର୍ମଗଡ଼ ରେଞ୍ଜ ଅନ୍ତର୍ଗତ ସାହାଜଖୋଲ ଜଙ୍ଗଲରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଛି । କାମ୍ପା ଯୋଜନାରୁ ସିଏଲଏଣ୍ଡ, ଏସଏମସି ଯୋଜନା ଆଦି ନାଁ ବଦଳୁଥିଲେ ମଧ୍ୟ ହେରାଫେରିର ପରିମାଣ ବଦଳୁ ନାହିଁ। ତଳୁ ଉପର ଯାଏଁ ସମସ୍ତଙ୍କ ଭାଗ ରହୁଥିବା କୁହାଯାଉଛି। ବିଭାଗୀୟ ବ୍ୟବସ୍ଥା ଅନୁଯାୟୀ ଫରେଷ୍ଟ ଗାର୍ଡ ବିଲ କରି ଫରେଷ୍ଟରଙ୍କୁ ଦେବା ପରେ, ଫରେଷ୍ଟର ଭାଉଚରରେ ଦସ୍ତଖତ କରି ରେଞ୍ଜ ଅଫିସରଙ୍କୁ ଦିଅନ୍ତି । ରେଞ୍ଜ ଅଫିସର ସେହି କାମର ୫୦ ପ୍ରତିଶତ କ୍ଷେତ୍ର ପରିଦର୍ଶନ କରି ଦସ୍ତଖତ କରି ବନଖଣ୍ଡ ଆକାଉଣ୍ଟାଣ୍ଟଙ୍କୁ ସମସ୍ତ ବିଲ ଦିଅନ୍ତି । କାମ ଗୁଡିକ ପାଇଁ କେତେ ଅନୁଦାନ ଦିଆଯାଇଥିଲା ଏବଂ କେତେ ଟଙ୍କାର କାମ ହେଇଛି ,ଭାଉଚର ତନଖି ପରେ ଦସ୍ତଖତ କରି ଆକାଉଣ୍ଟାଣ୍ଟ ଏସିଏଫଙ୍କୁ ଦିଅନ୍ତି । ଏସିଏଏଫ ସେଥିରେ ଦସ୍ତଖତ କରି ଡିଏଏଫଓଙ୍କୁ ଦେବା ପରେ ଡିଏଏଫଓ ୧୦ ପ୍ରତିଶତ କ୍ଷେତ୍ର ପରିଦର୍ଶନ କରି ଦସ୍ତଖତ କରନ୍ତି। ସେହି ଅନୁଯାୟୀ ସମସ୍ତ ବିଲ ଭାଉଚର ଅଡିଟର ଜେନେରାଲଙ୍କ ନିକଟକୁ କ୍ୟାସସିଟ ପଠାଯିବାର ନିୟମ ରହିଛି। କାମ ତଦାରଖ ସହିତ ଦସ୍ତଖତ କରି ସମ୍ପୂର୍ଣ୍ଣ ଅନୁଦାନ ଦିଆଯାଉଥିବାରୁ ପ୍ରତ୍ୟେକ କାମର ସଫଳତା, ବିଫଳତା, ଅନିୟମିତତାରେ ତଳୁ ଉପର ଯାଏଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ହାତ ରହିଛି । କେବଳ ଫରେଷ୍ଟ ଗାର୍ଡରୁ ରେଞ୍ଜ ଅଧିକାରୀଙ୍କ ଯାଏଁ ଦୋଷ ଲଦିଦେବା ଉଚିତ ନୁହେଁ ବୋଲି ଜଣେ ପୂର୍ବତନ ବନ କର୍ମଚାରୀ କହିଛନ୍ତି।

ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ

ବାରିପଦା/କରଞ୍ଜିଆ (ଅମୃତ ମିଡିଆ) : କରଞ୍ଜିଆ ସାଇ ସାଗର କନକ୍ଲେବ ଠାରେ ପଶ୍ଚିମ ମୟୂରଭଞ୍ଜ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ସଭାପତି ମଦନ ମୋହନ ମହନ୍ତଙ୍କ ସଭାପତିତ୍ୱରେ ଧନ୍ୟବାଦ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଓ ଯୋଗାଣ ଖାଉଟି କଲ୍ୟାଣ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱତନ୍ତ୍ର ଅତିଥି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ , ଉପସଭାପତି ପୁଲିନ ପ୍ରକାଶ ପୁହାଣ, ସମ୍ପାଦକ ବିକ୍ରମ କେଶରୀ ରାଉତରାୟ,ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ପୁର୍ବତନ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ଜିଲ୍ଲା ପ୍ରଭାରୀ କୃଷକ ମୋର୍ଚ୍ଚା ଶ୍ରୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ୩୧୦୦ ଟଙ୍କା ଓ ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ସମସ୍ତ ପଞ୍ଜିକୃତ ଚାଷୀ ଅର୍ଥ ପାଇଥିବାରୁ ତଥା ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରି ନିଜ କଥା ରଖିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ କୃଷକ ମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତା ମାନେ ପରିଚାଳନାରେ ସହଯୋଗ କରିଥିଲେ।ପରେ ପରେ ମନ୍ତ୍ରୀ ଶ୍ରୀ ପାତ୍ର ରାଜସ୍ୱ ବଙ୍ଗଳା ଠାରେ ଜନଶୁଣାଣୀ କରିବା ସହିତ କିଛି ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ବଣ୍ଟନ କରିଥିଲେ।

ଭଦ୍ରୁଆଶୋଳରେ ଗାଁ ଝୁମର ଆଖଳା

ବାରିପଦା(ଅମୃତ ମିଡିଆ) : ଆମ ସଂସ୍କୃତି ଆମ ପରମ୍ପରା ଗାଁ ଝୁମର ଆଖଳା ମୟୂରଭଞ୍ଜ ତରଫରୁ କୁଡୁମି ଜାତିର ସଂସ୍କୃତି ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଭଦ୍ରୁଆଶୋଳ ଠାରେ ଏକ ସାଂସ୍କୃତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭ ରେ ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଥିବା ଭାରତର ବୀର ଯବାନମାନଙ୍କର ଜୟଗାନ କରାଯିବା ସହିତ ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ଭଗବାନଙ୍କ ନିକଟରେ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମର ଆୟୋଜକ ହରିଶ୍ଚନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗାଁ ଝୁମର ଆଖଳା ମୟୂରଭଞ୍ଜର ସଭାପତି ରଜନୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବରେ ସୁବାସଚନ୍ଦ୍ର ମହାନ୍ତ, ନରେନ୍ଦ୍ରନାଥ ମହାନ୍ତ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହିତ କୁଡୁମି ମହାନ୍ତ ମାନଙ୍କର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ଏହି ସଙ୍ଗଠନ କାର୍ଯ୍?ଯ କରୁଛି ବୋଲି ପ୍ରକାଶ କରିଥିଲେ । ଏହାପରେ ଝୁମର ଆଖଳା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଉଭୟ ମହିଳା ଓ ପୁରୁଷ ଯୋଗଦାନ କରି ଝୁମର ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ପରିବେଷଣ କରିଥିଲେ. ଗାୟକ ଆନନ୍ଦ ଚନ୍ଦ୍ର ମହାନ୍ତ ଝୁମର ସଙ୍ଗୀତ ପରିବେଷଣ କରିଥିବା ବେଳେ, ବାଦ୍ୟକାର ଗଙ୍ଗାଧର ମହାନ୍ତ, ମହିମା ଚରଣ ମହାନ୍ତ, ବୁଦ୍ଧେଶ୍ୱର ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, ଦାମୋଦର ମହାନ୍ତ ଓ କପିଳେନ୍ଦ୍ର ମହାନ୍ତ ପ୍ରମୁଖ ପାରମ୍ପରିକ ବାଦ୍ୟ ଯନ୍ତ୍ର ମାଦଳ ବଜାଇଥିଲେ । ନୃତ୍ୟଶିଳ୍ପୀ ହରପ୍ରିୟା ମହାନ୍ତ, ତରୁଲତା ମହାନ୍ତ, କବିତା ମହାନ୍ତ, କ୍ରିଷ୍ଣପ୍ରିୟା ମହାନ୍ତ, ବିଷ୍ଣୁପ୍ରିୟା ମହାନ୍ତ, ଦମୟନ୍ତି ମହାନ୍ତ, ସୁମିତ୍ରା ମହାନ୍ତ, ଜ୍ୟୋତ୍ସ୍ନାରାଣୀ ମହାନ୍ତ, କନକଲତା ମହାନ୍ତ ଓ ପୁଷ୍ପଲତା ମହାନ୍ତ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ ।

ଭୂମିହୀନ ହିତାଧିକାରୀଙ୍କୁ ଘରଡିହୀ ପଟ୍ଟା ବଣ୍ଟନ

କଳାହାଣ୍ଡି(ଅମୃତ ମିଡିଆ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ସଭା ଗୃହରେ ଧର୍ମଗଡ ତହସିଲ ତରଫରୁ ଭୂମି ହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନା ରେ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଲବିକା କେଶରୀ ଦେଓ, ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଧର୍ମଗଡ ଉପଜିଲ୍ଲାପାଳ ଧିମାନ ଚକମା, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ ତହସିଲଦାର ସଞ୍ଜୟ କୁମାର

ସାମନ୍ତରା ପ୍ରମୁଖ ପ୍ରଥମ ପର୍ଯ୍ୟାୟ ରେ ଧର୍ମଗଡ ତହସିଲ ର ଖଇରପଦର, କିର୍କାକାନି, କାଙ୍କେରୀ, ଧର୍ମଗଡ (ଗ୍ରାମାଞ୍ଚଳ) ରାଜସ୍ୱ ନିରୀକ୍ଷକ ଅଞ୍ଚଳର ମୋଟ ୫୭ ଜଣ ହିତାଧିକାରୀ ଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଙ୍କୁ ରେକର୍ଡ କିପର ଗୋପାଳ ମେହେର ପରିଚାଳନା କରିଥିବା ବେଳେ ।କ୍ଷ ବଡବାବୁ ସୁନୀଲ କୁମାର କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ରେଭେନ୍ୟୁ ସୁପର ଭାଇଜର ରଂଜିତ କୁମାର ରାଉତ, ସିନିୟର କଲର୍କ ଆଶିଷ କୁମାର ପଣ୍ଡା, ସତ୍ୟବାନ ନାଏକ, ନାଜିର ହରି ମେହେର, ଡିଇଓ କିରଣ କରଆଁ, ଚନ୍ଦ୍ରକାନ୍ତ ଦୁରିଆ, ବିକାଶ କୁମାର ନାଏକ ସମେତ ସମସ୍ତ ଆର. ଆଇ ଏବଂ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

ବିଶେଷ ସାଂସ୍କୃତିକ ମହୋତ୍ସବ ୨୦୨୫

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ବନ୍ଦର ପ୍ରାଧିକାରଣ ଓ ଜଗନ୍ନାଥ ଲଳିତ କଳା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବିଶେଷ ସାଂସ୍କୃତିକ ମହୋତ୍ସବ ୨୦୨୫ ରେ ବିକ୍ରମ ପରିଡା ଙ୍କ ନିର୍ଦ୍ଦେଶିତ ଓ ନାଟ୍ୟକାର ରତ୍ନାକର ସାହୁ ଙ୍କ ଦ୍ୱାରା ରଚିତ 'କେମିତିକା ଜୀବନ ଇଏ' ନାଟକ ବୁଧବାର ସନ୍ଧ୍ୟାରେ ଜୟଦେବ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ନାଟକ ପାରାଦୀପ ବନ୍ଦର ଅଧୀନରେ କାର୍ଯ୍ୟରତ ଦିବ୍ୟ।ଙ୍ଗ କର୍ମଚାରୀ ଏବଂ ତାଙ୍କର ପରିବାର ବର୍ଗଙ୍କ ଦ୍ୱାରା ମଞ୍ଚସ୍ଥ ହେଇଥିଲା। ରତ୍ନାକର ସାହୁ, ସ୍ମୃତି ଚନ୍ଦନ ତ୍ରିପାଠୀ, ସ୍ୱର୍ଣ୍ଣ ତ୍ରିପାଠୀ, ଉଷାନ୍ତ ମହାନ୍ତି , ପ୍ରିୟଙ୍କା ମହାନ୍ତ, ସୁପ୍ରିୟା ସ୍ୱାଇଁ, ସୋମନାଥ ସ୍ୱାଇଁ, ଆଶିଷ ବିରୁଲି, କୀର୍ତି ଚନ୍ଦ୍ର ପ୍ରଧାନ, କାହ୍ନୁ ମଣ୍ଡଳ, ବିଭୁତି କର, ଅନ୍ତର୍ଯ୍ୟାମୀ ପାଢ଼ୀ, ପ୍ରତିପ କର, ମିଟୁ ମହାରଣା, ଚକ୍ରଧର ହେମ୍ବ୍ରମ, ଯତୀନ ବେହେରା ପ୍ରମୁଖ ନିଖୁଣ ଅଭିନୟ କରି ଦର୍ଶକ ଙ୍କ ମନୋରଞ୍ଜନ କରିଥିଲେ ।

କରଞ୍ଜିଆରେ କାଳବୈଶାଖୀ

ସ୍କୁଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ, ବଜ୍ରପାତରେ ୩ ଗୁରୁତର

ବାରିପଦା /କରଞ୍ଜିଆ (ଅମୃତ ମିଡିଆ) : କରଞ୍ଜିଆ ସହର ସମେତ ବ୍ଲକ ର ବିଭିନ୍ନ ସ୍ଥାନରେ ଗତ ମଙ୍ଗଳବାର ଦିନ ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ଘଟିଛି। ତେବେ ବିଶେଷ ଭାବେ କରଞ୍ଜିଆ ବ୍ଲକର ବାଟପଳସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଇଥିବା ଦେଖିବାକୁ ମିଳିଛି।ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପ୍ରଯ୍ୟନ୍ତ ସ୍କୁଲ୍ ର ଆଜବେଷ୍ଟାର ଉଡ଼ାଇ ନେଇଥିବା ବେଳେ ଶ୍ରେଣୀ ଗୃହ ମଧ୍ୟ ଭାଙ୍ଗି ନଷ୍ଟ ହୋଇ ଯାଇଛି। ସ୍କୁଲ ଛୁଟି ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ତେବେ ଆଜିଯାଏଁ କୌଣସି ବିଭାଗୀୟ ଅଧିକାରୀ ସ୍କୁଲ ପରିଦର୍ଶନ କରିନଥିବାରୁ ଗ୍ରାମବାସୀ ମାନେ ଉଦବେଗ ପ୍ରକାଶ କରିଛନ୍ତି।ଅନ୍ୟପଟେ ଆଜି ସନ୍ଧ୍ୟାରେ କରଞ୍ଜିଆ ବ୍ଲକ ବାଟପଳସା ପଞ୍ଚାୟତ ଶିଆଳିନଈ ହୋ ସାହିରେ ବଜ୍ରପାତ ଯୋଗୁଁ ଚାନ୍ଦ ହୋ, କାଳିଆ ହୋ, ସୁମି ହୋ ଗୁରୁତର ଆହତ ହେଇଥିବା ବେଳେ ଗ୍ରାମବାସୀ ମାନେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ କରଞ୍ଜିଆ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି।ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି।

ଜିଲ୍ଲା ଦୁର୍ନୀତି ନିବାରଣ କମିଟିର ସଦସ୍ୟା ସ୍ନେହମୟୀ

କୁଜଙ୍ଗ(ଅମୃତ ମିଡିଆ) : ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଦୈନନ୍ଦିନ ବିବିଧ ସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର କାର୍ଯ୍ୟ ଦକ୍ଷତା ଓ ଅଭିଜ୍ଞତାକୁ ଜିଲ୍ଲା ପ୍ରଶାସନ ମଧ୍ୟ ଅନେକାଂଶ ରେ ଅଙ୍ଗୀକାର କରିବା ସହ ବିଭିନ୍ନ ବିଭାଗରେ ତାଙ୍କୁ ଅବୈତନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦୀର୍ଘଦିନ ୫ ବର୍ଷ ଧରି ସମଗୋଲ ଉପକାରାଗାରରେ ନନ୍ ଅଫିସିଆଲ୍ ପର୍ଯ୍ୟବେକ୍ଷିକା ଭାବେ ନିଜର ଦାୟିତ୍ୱକୁ ସୂଚାରୁ ରୁପେ ତୁଲାଇ ଆସୁଛନ୍ତି ଶ୍ରୀମତୀ ଆଚାର୍ଯ୍ୟ। ଜିଲ୍ଲା ପରିଷଦ ଜଗତସିଂହପୁର ପତ୍ରାଙ୍କ ୧୫୮୯ ତା-୨୯/୪/୨୫ରିଖ ଆଧାରରେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ମାନ୍ୟବର ଜିଲ୍ଲାପାଳ ମହୋଦୟ ଜିଲ୍ଲା ଭିଜିଲାନ୍ସ କମିଟିର ସଦସ୍ୟ ଭାବେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ମନୋନୀତ କରାଇ ତାଙ୍କ କାର୍ଯ୍ୟ ଦକ୍ଷତା ଓ ଦାୟିତ୍ୱବୋଧକୁ ଆଉ ଗୋଟିଏ ପାଦ ଆଗକୁ ନେଇଛନ୍ତି। ଶ୍ରୀମତୀ ଆଚାର୍ଯ୍ୟଙ୍କ ସହିତ କମିଟିରେ ସୁଶ୍ରୀ ପ୍ରିୟଦର୍ଶିନୀ, ପ୍ରତାପ ଚନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲ ଓ ଅନ୍ୟାନ୍ୟ ସରକାରୀ ଅଫିସର୍ ମାନେ ରହିଛନ୍ତି। ଶ୍ରୀମତୀ ଆଚାର୍ଯ୍ୟଙ୍କ ଏପରି ମନୋନୟନକୁ ଶିକ୍ଷ ଦକ୍ଷତା ବିକାଶ ବୈଷୟିକ ଶିକ୍ଷ୍ୟା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ଡ଼ଃ ସୁନାକର ବେହେରା, ବିବେକାନନ୍ଦ ହୋତା, ଶରତ ଚନ୍ଦ୍ର ଦାସ, ବରିଷ୍ଠ ଆଇନଜୀବି ଦେବାଶିଷ କଣ୍ଡ, ସୁରେଶ ଚନ୍ଦ୍ର ଦାସ, ସଂଗ୍ରାମ ମନ୍ତ୍ରୀ, ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାରଳା ଗବେଷକ ରମାକାନ୍ତ ରାଉଳ, ସାରଦା ପ୍ରସନ୍ନ ଦାସ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ତଥା ଜଟାଧାରୀ ଷ୍ଟିଲର ସତ୍ୱାଧିକାରୀ ରଞ୍ଜନ କୁମାର ପ୍ରଧାନ ଏବଂ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ମାନେ କୃତଜ୍ଞତା ଜଣାଇଛନ୍ତି।

କର୍କଟ ରୋଗରେ ପୀଡିତା ମୀନାରାଣୀ ସ୍ୱାଇଁଙ୍କ